ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1073/19-01-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୯ ଜାନୁଆରୀ,୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମା'ସମଲେଶ୍ୱରୀଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ସମାହିତ କରିବା ପାଇଁ ଏକ ଉଚ୍ଚସ୍ତରୀୟ ଦଳକୁ ଆଜି ନିର୍ଦ୍ଦେଶ ଦେଇ ସମ୍ବଲପୁର ପଠାଇଛନ୍ତି । ରାଜ୍ୟ ସରକାରଙ୍କ ୫-'ଟି' କାର୍ଯ୍ୟକ୍ରମ ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ଏବଂ ଏହା ୨ ବର୍ଷ ମଧ୍ୟରେ ସମାପ୍ତ ହେବ ।

- ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଶ୍ରୀ ଅସିତ ତ୍ରିପାଠୀ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ ସମ୍ବଲପୁର ଯାଇ ଏ ସମ୍ବନ୍ଧରେ ବ୍ୟାପକ ଆଲୋଚନା କରିଥିଲେ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ତଥା ଛବିଳ ମଧୁ ବର୍ଣ୍ଣବୋଧର ପ୍ରଣେତା ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଉତ୍କଳ ସାହିତ୍ୟ ସମାଜ ଜରିଆରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାରପ୍ରସାରରେ ତାଙ୍କ ଅବଦାନ ସହ ଜଣେ ଆଦର୍ଶ ଶିକ୍ଷକ, କବି ଓ ସମାଜ ସଂସ୍କାରକ ଭାବେ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପାର୍ବତୀ ଗିରିଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଦେଶସେବା ସହ ମହିଳା, ଶିଶୁ, ନିରାଶ୍ରୟ ଓ ଅସହାୟଙ୍କ କଲ୍ୟାଣ ଦିଗରେ ତାଙ୍କ ଜୀବନବ୍ୟାପି ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ସେ ଚିରସ୍ମରଣୀୟ ରହିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ବ୍ରିସ୍‌ବେନ୍‌ର ଗାବାଠାରେ ଟିମ୍ ଇଣ୍ଡିଆ ଚମତ୍କାର ବିଜୟ ସହ ୨-୧ରେ ସିରିଜ୍ ଜିତି ବର୍ଡର-ଗାଭାସ୍କର ଟ୍ରଫି ବଜାୟ ରଖିପାରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ଯୁବଖେଳାଳୀମାନଙ୍କର ବହୁମୁଖୀ ପ୍ରଦର୍ଶନ ଯୋଗୁଁ ଗସ୍ତରେ ଯାଇଥିବା ଭାରତୀୟ ଦଳ ସିରିଜ୍‌ରେ ଦମ୍‌ଦାର ବିଜୟ ଲାଭ କରିଛି ବୋଲି ପ୍ରକାଶ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଦଳକୁ ଶୁଭକାମନା ଜଣାଇଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଚେକ୍ ଡ୍ୟାମ୍ ଜରିଆରେ ଜଳ ଅମଳ ସଂରଚନାର ନିର୍ମାଣ ପାଇଁ ନବରଙ୍ଗପୁର ଜିଲ୍ଲା ଜଳ ବିଭାଗରେ ଏବଂ ଗ୍ରାଭିଟି ଫିଲଡ୍ ସ୍ପ୍ରିଙ୍ଗ ଆଧାରିତ ଜଳସେଚନ ବ୍ୟବସ୍ଥା ପାଇଁ କୋରାପୁଟ ଜିଲ୍ଲା କୃଷି କ୍ଷେତ୍ରରେ ସ୍କଚ୍ ପୁରସ୍କାର (ରୌପ୍ୟ) ପାଇଥିବାରୁ ଉଭୟ ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋଭିଡ୍ ଓଡ଼ିଶା ପ୍ରକଳ୍ପ ପାଇଁ ସ୍କଚ୍ ଗ୍ରୁପ୍ ସିଲଭର ପୁରସ୍କାର ପାଇଥିବାରୁ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ, ଓଡ଼ିଶାକୁ ଏବଂ 'ମୋ ସରକାର' ପ୍ରକଳ୍ପ ପାଇଁ ଓକାକ୍ ସ୍କଚ୍ ପୁରସ୍କାର ୨୦୨୦ର ସେମି-ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଥିବାରୁ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେବା ପ୍ରଦାନ କ୍ଷେତ୍ରରେ ପାରଦର୍ଶିତା ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବୈଷୟିକ ଜ୍ଞାନକୌଶଳ ଉପରେ ପ୍ରାଧାନ୍ୟ ଦେଉଛନ୍ତି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଗୋଟିଏ ଆର୍ଥିକ ବର୍ଷରେ ମନରେଗା ଅଧୀନରେ ୧ କୋଟି ଶ୍ରମ ଦିବସ ସୃଷ୍ଟି କରିପାରିଥିବାରୁ କେଉଁଝର ଜିଲ୍ଲା ପ୍ରାଶାସନକୁ ଅଭିନନ୍ଦନ ଜଣାଇଛନ୍ତି । ଜନସାଧାରଣଙ୍କୁ ଜୀବିକାର୍ଜନ ସହାୟତା ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରୟାସର ଫଳସ୍ୱରୂପ ସମଗ୍ର ରାଜ୍ୟରେ ଏହି କାର୍ଯ୍ୟକ୍ରମ ଅଧୀନରେ ଶ୍ରମଭିତ୍ତିକ ନିଯୁକ୍ତି ସୃଷ୍ଟି କରାଯାଇଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅଧିକ ପାଣ୍ଠି ଯୋଗାଇ ସେମାନଙ୍କୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଫୁଲବାଣୀଠାରେ ବୃହତ ମିଶନ ଶକ୍ତି ବ୍ୟାଙ୍କ ସଂଯୋଗୀକରଣ ମେଳା ଅନୁଷ୍ଠିତ ହୋଇଛି । ଏହି ଉପକ୍ରମରେ ୭୨୬ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୧.୦୯ କୋଟି ଟଙ୍କାର ବ୍ୟାଙ୍କ ଋଣ ସଂଯୋଗୀକରଣ ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗଜପତି ଜିଲ୍ଲା ରା.ଉଦୟଗିରିର ରାଜଲକ୍ଷ୍ମୀ ପ୍ରଧାନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ନିଜେ ଆତ୍ମନିର୍ଭରଶୀଳ ହେବା ସହ ୧୦୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ରୋଜଗାରର ବାଟ ଦେଖାଇଛନ୍ତି । ଗ୍ରାମାଞ୍ଚଳରେ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ସେ କରୁଥିବା କାମ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୪,୨୬,୦୯୧ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୩,୫୬୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୯,୮୦୧ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୦୨ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧,୮୧୦ ରହିଛି ।
- ୧,୮୧୦ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**